# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୬୧ (ଓଡ଼ିଆ ବୁଲେଟିନ)    ସପ୍ତାହ – ୩୧    ତାରିଖ: ୩୧.୦୭.୨୦୨୬


## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୨୫.୦୭.୨୦୨୬ ରୁ ୩୧.୦୭.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ | ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ | ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |
| 30 | 29 | 28 | 29 | 27 | 28 | 32 | 25 | 23 | 24 | 23 | 22 | 22 | 24 | 0 | 70 | 31 | 45 | 202 | 45 | 7 |

## ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୧-୦୮-୨୦୨୬ | ୦୨-୦୮-୨୦୨୬ | ୦୩-୦୮-୨୦୨୬ | ୦୪-୦୮-୨୦୨୬ | ୦୫-୦୮-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 5 | 8 | 6 | 6 | 7 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 33 | 34 | 34 | 33 | 33 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 24 | 25 | 25 | 24 | 24 |
| ମେଘ ଆବରଣ(ଓକଟା) | 4 | 4 | 3 | 3 | 4 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 92 | 91 | 90 | 89 | 89 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 67 | 67 | 63 | 67 | 68 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 10 | 11 | 10 | 12 | 12 |
| ପବନର ଦିଗ (ଡିଗ୍ରୀ) | 164 | 213 | 248 | 258 | 263 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ କିଛି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ସହିତ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବାର ସମ୍ଭାବନା ଅଛି । ଆଗାମୀ ଦିନଗୁଡ଼ିକରେ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖାଯିବାର ସମ୍ଭାବନା ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୧୦ ରୁ ୧୨ କି.ମି. ବେଗରେ ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

## ଚେତାବନୀ: କୌଣସି ଚେତାବନୀ ଦିଆଯାଇ ନାହିଁ

### ସାଧାରଣ ଉପଦେଶ

- ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ବିସ୍ତାରିତ ପୂର୍ବାନୁମାନ (୩୧ ଜୁଲାଇ ରୁ ୧୩ ଅଗଷ୍ଟ, ୨୦୨୬) ଅନୁଯାୟୀ, ପ୍ରଥମ ସପ୍ତାହ (୩୧ ଜୁଲାଇ ରୁ ୬ ଅଗଷ୍ଟ, ୨୦୨୬) ମଧ୍ୟରେ ଓଡ଼ିଶାର କିଛି ସ୍ଥାନ ରୁ ଅନେକ ସ୍ଥାନରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଅଛି । ସାମଗ୍ରିକ ଭାବରେ, ସେହି ସମୟ ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା କାର୍ଯ୍ୟକଳାପର କମ ରହିବ । ଦ୍ୱିତୀୟ ସପ୍ତାହ (୭ ରୁ ୧୩ ଅଗଷ୍ଟ, ୨୦୨୬) ମଧ୍ୟରେ, ଓଡ଼ିଶାର କିଛି ସ୍ଥାନରେ ହାଲୁକା ରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଛି ଏବଂ ଉତ୍ତର ଓ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ସାମଗ୍ରିକ ବର୍ଷା କାର୍ଯ୍ୟକଳାପର କମ ରହିବ ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ଏହା ସ୍ୱାଭାବିକ ରୁ ଅଧିକ ରହିପାରେ ।
- ପୂର୍ବ ବର୍ଷା ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ଫସଲ କ୍ଷେତରୁ ଅତିରିକ୍ତ ଜଳ ନିଷ୍କାସନ ପାଇଁ ଉପଯୁକ୍ତ ଜଳ ନିଷ୍କାସନ ସୁବିଧା ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି।
- ଚାଷୀଭାଇମାନେ ନିୟମିତ ଭାବରେ ସେମାନଙ୍କ କ୍ଷେତକୁ ମୂଳ ପଚା, ଫଳ ପଚା, କାଣ୍ଡ ପଚା ଇତ୍ୟାଦି ବିଭିନ୍ନ ରୋଗ ଆକ୍ରମଣ ଏବଂ ଶୋଷକ କୀଟପତଙ୍ଗ ଆକ୍ରମଣ ବିରୁଦ୍ଧରେ ତଦାରଖ କରିବା ଉଚିତ ।

- ଚାଷୀମାନେ ମାଟି ପର୍ଯ୍ୟାପ୍ତ ପରିମାଣରେ ଶୁଖିଯିବା ପର୍ଯ୍ୟନ୍ତ ବିହନ ବୁଣା/ପୁନଃରୋପଣ/ସିଞ୍ଚନ କାର୍ଯ୍ୟ ପାଇଁ ଅପେକ୍ଷା କରନ୍ତୁ ।
- ପୂର୍ବ ଦିନଗୁଡ଼ିକରେ ପାଗର ସ୍ଥିତି ଯୋଗୁଁ, ଫସଲ ଏବଂ ପଶୁ ଉଭୟରେ ବିଭିନ୍ନ ରୋଗ ଆକ୍ରମଣର ଲକ୍ଷଣ ଦେଖାଯାଇପାରେ, ତେଣୁ ଚାଷୀମାନଙ୍କୁ ଏହି ଆକ୍ରମଣ ବିରୁଦ୍ଧରେ ନିୟମିତ ଭାବରେ ସେମାନଙ୍କର କ୍ଷେତ ଏବଂ ପଶୁଶାଳାର ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।
- ବନ୍ୟା ପ୍ରଭାବିତ ଅଞ୍ଚଳରେ, ପରିସ୍ଥିତି ନିୟନ୍ତ୍ରଣାଧୀନ ହେବା ପର୍ଯ୍ୟନ୍ତ ଚାଷୀମାନଙ୍କୁ କୌଣସି ପ୍ରକାରର କାର୍ଯ୍ୟକଳାପ ପାଇଁ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଅଛି ।

## ସଂକ୍ଷିପ୍ତ ଉପଦେଶ

- ପୂର୍ବ ଦିନଗୁଡ଼ିକରେ ହୋଇଥିବା ପ୍ରବଳ ରୁ ଅତ୍ୟନ୍ତ ପ୍ରବଳ ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି, ଆଂଶିକ କ୍ଷତିଗ୍ରସ୍ତ ଧାନ କ୍ଷେତ ତଥା ଫଳ ବଗିଚାରେ ଅତିରିକ୍ତ ବର୍ଷା ପାଣିର ଉପଯୁକ୍ତ ନିଷ୍କାସନ କରି ସାରିଲା ପରେ ଆବଶ୍ୟକତା ଅନୁଯାୟୀ ପୁନଃରୋପଣ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ  ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ (ଖରିଫ) ଧାନ | ରୋପଣ | • ଧାନ କ୍ଷେତରେ ବନ୍ଧ ଏବଂ ଜଳ ନିଷ୍କାସନ ଚ୍ୟାନେଲଗୁଡ଼ିକୁ ତୁରନ୍ତ ଖୋଲି ଦିଅନ୍ତୁ ଯାହା ଦ୍ୱାରା କ୍ଷେତରେ ଜମି ରହିଥିବା ପାଣି ଗଛଗୁଡ଼ିକୁ ୪ ରୁ ୭ ଦିନରୁ ଅଧିକ ସମୟ ପାଇଁ ବୁଡ଼ାଇ ନପାରେ କରନ୍ ଏହା ଫଳରେ ଗଛ ଆହୁରି ପଚିଯାଏ ।<br>• ବର୍ଷା ଯୋଗୁଁ ନଷ୍ଟ ହୋଇଯାଇଥିବା ଗଛଗୁଡ଼ିକ ସ୍ଥାନରେ ସୁସ୍ଥ ଗଛ କିମ୍ବା ସମାନ ପ୍ରକାରର ପୁରୁଣା ଲଗାଇ  ଆଂଶିକ କ୍ଷତିଗ୍ରସ୍ତ କ୍ଷେତକୁ ମରାମତି କରନ୍ତୁ ।<br>• ପୂର୍ବ ବର୍ଷା ସ୍ଥିତିକୁ ଦୃଷ୍ଟିରେ ରଖି, ଯେଉଁ ଚାଷୀମାନେ ଏପର୍ଯ୍ୟନ୍ତ ଚାରାରୋପଣ ଆରମ୍ଭ କରିନାହାଁନ୍ତି, ସେମାନଙ୍କୁ ଅତିରିକ୍ତ ପାଣି କ୍ଷେତକୁ ବାହାର କରି ରୋପଣ ହେତୁ କ୍ଷେତ ପ୍ରସ୍ତୁତ କରିବାକୁ ପରାମର୍ଶ ଦିଆଯାଇଛି (ମୁଖ୍ୟ କ୍ଷେତ ପ୍ରସ୍ତୁତି ପାଇଁ କେବଳ ପର୍ଯ୍ୟାପ୍ତ ପାଣି ରଖନ୍ତୁ)।<br>• ଚାଷୀଭାଇମାନେ ମାଟିରୁ ପର୍ଯ୍ୟାପ୍ତ ଭାବରେ ଜଳ ନିଷ୍କାସନ ନହେବା ପର୍ଯ୍ୟନ୍ତ ସିଞ୍ଚନ କାର୍ଯ୍ୟ କରିବା ପାଇଁ ଅପେକ୍ଷା କରିବା ଉଚିତ ।<br>• ଧାନ କ୍ଷେତରେ ମହିଷା ରୋଗ, ପତ୍ରଛାଦ ପୋଡା ରୋଗ, କାଣ୍ଡ ବିନ୍ଧା ଏବଂ ଲେଡା ପୋକ ଆକ୍ରମଣର ପ୍ରାଦୁର୍ଭାବ ଉପରେ ନଜର ରଖନ୍ତୁ । |
| ମକା | ଅଙ୍ଗୀୟ ଅବସ୍ଥା | • ଚାଷୀଭାଇମାନେ କୌଣସି ପ୍ରକାରର ଆନ୍ତଃକୃଷି କାର୍ଯ୍ୟ ଯେପରିକି ଘାସ କାଟିବା, କୋଡା ଖୋସା, ମାଟି ଉଠେଇବା ଇତ୍ୟାଦି କାର୍ଯ୍ୟକୁ ବର୍ଷା ଜଳର ସଠିକ ନିଷ୍କାସନ ନ ହେବା ପର୍ଯ୍ୟନ୍ତ ସ୍ଥଗିତ ରଖନ୍ତୁ ।<br>• ପୂର୍ବ ଦିନର ପାଗ ଅଙ୍ଗୀୟ ଅବସ୍ଥାରେ ଥିବା ମକା ଗଛରେ କାଣ୍ଡ ବିନ୍ଧା ପୋକ ଓ କବକ ଜନିତ ରୋଗର ଆକ୍ରମଣ ପାଇଁ ଅନୁକୂଳ ହୋଇପାରେ ତେଣୁ ଏହାର ଉଚିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ବର୍ଷା ପରେ ସମସ୍ତ ପଚିଯାଇଥିବା ଅଂଶ ନଷ୍ଟ କରିଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ କାରଣ ଏହା ଆଗକୁ ବିଭିନ୍ନ ପୋକ ଓ ରୋଗ ବାହକ ହୋଇପାରେ । |
| ଆମ୍ବ | ନୂତନ ଗଛ ଲଗାହୋଇଥିବା ବଗିଚା | • ଚାଷୀଭାଇମାନଙ୍କ ନୂତନ ଭାବରେ ଲଗାଯାଇଥିବା ଆମ୍ବ ବଗିଚାରେ ପାଣି ଜମିବା ଏବଂ ମୂଳ ପଚିବାକୁ ରୋକିବା ପାଇଁ ଜଳ ନିଷ୍କାସନକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦିଆଯାଇଅଛି ।<br>• ଯଦି ପ୍ରବଳ ବର୍ଷା ଯୋଗୁଁ ଗଛ ମୂଳ ଦୁର୍ବଳ ହୋଇଯାଇଥାଏ, ତେବେ ଗଛ ଚାରିପାଖରେ ମାଟିକୁ ଧୀରେ ଧୀରେ ଚାପି ଦିଅନ୍ତୁ ।<br>• ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଆମ୍ବ ଗଛ ପାଇଁ ପର୍ଯ୍ୟାପ୍ତ ଜଳ ନିଷ୍କାସନ ପରେ ପୁନଃରୋପଣ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ମାଟିରେ ଅଧିକ ଆର୍ଦ୍ରତା ଯୋଗୁଁ କବକଜନିତ ରୋଗ (କଲାର ରଟ୍ କିମ୍ବା ଆନ୍ଥ୍ରାକ୍ନୋଜ୍ ପରି) ଏବଂ ପତ୍ର ଖିଆ ପୋକ ଦେଖାଯିବାର ଆଶଙ୍କା ବୃଦ୍ଧି ପାଇପାରେ, ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଗଛର ବେସିନ୍ ଚାରିପାଖର ଘାସକୁ ସଫା ରଖନ୍ତୁ କାରଣ ଏହା ପୋଷକ ପାଇଁ ପ୍ରତିଯୋଗିତା କରିଥାଏ ଏବଂ କୀଟପତଙ୍ଗକୁ ଆଶ୍ରୟ ଦେଇଥାଏ ।<br>• ପୁଷ୍ଟିକର ପୋଷକ ଧୋଇହେବାକୁ ରୋକିବା ପାଇଁ ମାଟିରୁ ପର୍ଯ୍ୟାପ୍ତ ପରିମାଣର ଜଳ ନିଷ୍କାସନ ନହେବା ପର୍ଯ୍ୟନ୍ତ କୌଣସି ପ୍ରକାରର ରାସାୟନିକ ସାର କିମ୍ବା ଅନ୍ୟ ପୋଷକ ପ୍ରୟୋଗ କରନ୍ତୁ ନାହିଁ । |
| କଖାରୁ ଜାତୀୟ ଫସଲ | ଫୁଲ ଓ ଫଳ ଅବସ୍ଥା | • ମୂଳ ଚାରିପାଖରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ ଏବଂ କ୍ଷେତରେ ତୁରନ୍ତ ଜଳ ନିଷ୍କାସନର ସୁବିଧା କରନ୍ତୁ ।<br>• ଫଳ ପଚିବା ଏବଂ ପୋକ ଲାଗିବା ରୋକିବା ପାଇଁ ଲତାକୁ ଓଦା ଭୂମିରୁ ଦୂରେଇ ରଖିବା ପାଇଁ ବାଉଁଶ କିମ୍ବା ତାର ଟ୍ରେଲିଜ୍ ଯୋଗାଇ ଦିଅନ୍ତୁ । |

| | | |
|---|---|---|
| | | • ପୂର୍ବ ଦିନଗୁଡ଼ିକର ପାଗ ଯୋଗୁଁ ପରିବା ଖେତରେ ବିଭିନ୍ନ କବକଜନିତ ରୋଗ ଆକ୍ରମଣ ହେବାର ସମ୍ଭାବନା ଦେଖାଦେଇପାରେ ତେଣୁ ଏହାର ନିୟମିତ ତଦାରଖ କରନ୍ତୁ । |
| ବାଇଗଣ, ଟମାଟୋ, ଲଙ୍କା | ନର୍ସରୀ ବୁଣା / ଚାରା ଅବସ୍ଥା / ରୋପଣ/ ଅଂଗିୟ/ ଫୁଲ ଓ ଫଳ ଅବସ୍ଥା | • କିଛି ଦିନ ପାଇଁ କୌଣସି ପ୍ରକାରର ବୁଣା କିମ୍ବା ରୋପଣ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ଯେପର୍ଯ୍ୟନ୍ତ ଖେତରେ ଉପଯୁକ୍ତ ଜଳ ନିଷ୍କାସନ ନ ହୋଇଛି ।<br>• ଠିଆ ଫସଲ କ୍ଷେତରେ ଏବଂ ନର୍ସରୀରେ ଅତିରିକ୍ତ ବର୍ଷା ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ କାରଣ ପୂର୍ବ ଦିନଗୁଡିକର ଭାରି ବର୍ଷା ଯୋଗୁଁ ଯଦି ଜଳ ଜମା ରୁହେ ତାହା ଫସଲ ପାଇଁ କ୍ଷତିକାରକ ହୋଇପାରେ ।<br>• ପ୍ରଚଳିତ ପାଣିପାଗ ଯୋଗୁଁ ପରିବା ଖେତରେ ବିଭିନ୍ନ ରୋଗ ଓ ପୋକ ଗୁଡ଼ିକର ଆକ୍ରମଣ ବୃଦ୍ଧି ପାଇପାରେ ତେଣୁ ଏହାର ନିୟମିତ ନିରୀକ୍ଷଣ କରୁଥାନ୍ତୁ । |
| ଭେଣ୍ଡି | ଫୁଲ ଓ ଫଳ ଅବସ୍ଥା | • ଭେଣ୍ଡି ଗଛ ମୂଳରେ ପାଣି ଜମି ରହିବାକୁ ସହ୍ୟ କରିପାରେ ନାହିଁ ଓ ପାଣି ଜମି ରହିବା ଯୋଗୁଁ ଭେଣ୍ଡି ଗଛରେ ରୋଗର ପ୍ରାଦୁର୍ଭାବ ବଢ଼ିଥାଏ, ତେଣୁ ଚାଷୀଭାଇମାନେ ଅଧିକ ପାଣି ଜମା ହେଲେ ଏହାକୁ ତୁରନ୍ତ ନିଷ୍କାସନ କରିବାର ବ୍ୟବସ୍ଥା କରନ୍ତୁ ।<br>• ବର୍ତ୍ତମାନର ପାଗର ଯେଉଁ ସ୍ଥିତି ରହିଅଛି ତାହା ଭେଣ୍ଡି ଗଛରେ ଶୋଷକ କୀଟ ଏବଂ ଫଳ ଓ କାଣ୍ଡ ବିନ୍ଧାକାରୀ ପୋକର ଆକ୍ରମଣ ପାଇଁ ଅନୁକୂଳ ଅଟେ, ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଚାଷୀଭାଇମାନେ ରୋଗ ଓ ପୋକର ଦ୍ରୁତ ବୃଦ୍ଧିକୁ ଏଡାଇବା ପାଇଁ ପ୍ରଭାବିତ ଗଛଗୁଡ଼ିକୁ କାଢ଼ି ନଷ୍ଟ କରିଦେବା ଉଚିତ କାରଣ ଏହା ଯୋଗୁଁ ପୋକ ଓ ରୋଗଗୁଡ଼ିକର ପ୍ରାଦୁର୍ଭାବ ବୃଦ୍ଧି ପାଇବାର ସମ୍ଭାବନା ବଢ଼ିଯାଇଥାଏ । |
| ପଶୁ ପାଳନ | • ଫାଟୁଆ ରୋଗ, ରକ୍ତସ୍ରାବ, ସାହାଣ ରୋଗ, ତଡ଼ା ରୋଗ (ମାଂସପେଶୀ ଫୁଲିବା ଓ ତାତି ହେବା) ଏବଂ ଟିଟାନସର ଲକ୍ଷଣ ପ୍ରତି ସତର୍କ ରୁହନ୍ତୁ; ତୁରନ୍ତ ଟୀକାକରଣ ପାଇଁ ନିକଟସ୍ଥ ପଶୁଚିକିତ୍ସକଙ୍କ ସହିତ ପରାମର୍ଶ କରନ୍ତୁ ଏବଂ ଟୀକାକରଣ ପୂର୍ବରୁ କୃମିନାଶକ ଔଷଧ ନିଶ୍ଚୟ ଖୁଆନ୍ତୁ ।<br>• ପଶୁ ଗୁହାଳକୁ ସର୍ବଦା ଶୁଖିଲା ରଖନ୍ତୁ, ଏହି ରୋଗଗୁଡ଼ିକର ସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଜୀବାଣୁନାଶକ ପ୍ରୟୋଗ କରନ୍ତୁ । ପଶୁ ଗୁହାଳର ଚାରିପାଖରୁ ବର୍ଷା ପାଣି ନିଷ୍କାସନର ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ ।<br>• ପାକସ୍ଥଳୀ ସଂକ୍ରମଣ ଏବଂ ଡାଇରିଆରୁ ପଶୁମାନଙ୍କୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ଦୂଷିତ ବର୍ଷା ପାଣି ପିଇବାରୁ ରୋକନ୍ତୁ ତେଣୁ ବର୍ଷାର ସତର୍କତା ଅବଧି ସମୟରେ ସେମାନଙ୍କୁ ବାହାରକୁ ଚରିବା ପାଇଁ ନ ଛାଡ଼ି ଗୁହାଳରେ ସୁରକ୍ଷିତ ରଖନ୍ତୁ ଏବଂ ସେମାନଙ୍କ ପାଇଁ ପ୍ରଚୁର ଖାଦ୍ୟ ଏବଂ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରନ୍ତୁ । | |
| କୁକୁଡ଼ା ପାଳନ | • ବର୍ଷା ଋତୁରେ କୁକୁଡ଼ାମାନେ ଶ୍ୱାସକ୍ରିୟା ରୋଗ ଏବଂ ଡାଇରିଆ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାନ୍ତି ତେଣୁ ଚାଷୀଭାଇମାନେ ଫାର୍ମ୍ ରେ ପର୍ଯ୍ୟାପ୍ତ ବାୟୁ ଚଳାଚଳ ବ୍ୟବସ୍ଥା ସୁନିଶ୍ଚିତ କରିବା ଉଚିତ ଏବଂ କୁକୁଡ଼ା ସେଡ୍‌କୁ ଓଦା ରହିବାକୁ ଦିଅନ୍ତୁ ନାହିଁ । | |
| ମାଛ ଚାଷ | • ଚାଷୀଭାଇମାନେ ପୋଖରୀ ପାଣିର pH ଏବଂ ଦ୍ରବୀଭୂତ ଅମ୍ଳଜାନର ପରୀକ୍ଷା ଏବଂ ନିରୀକ୍ଷଣ କରିବା ଉଚିତ, କାରଣ ପ୍ରବଳ ବର୍ଷା ପ୍ରାୟତଃ ପାଣିକୁ ଅମ୍ଳିୟ କରିଦେଇଥାଏ ଏବଂ ଉପର ସ୍ତରର ଅମ୍ଳଜାନ ସ୍ତରକୁ ମଧ୍ୟ ହ୍ରାସ କରିଥାଏ ଯାହା ପୋଖରୀର ମାଛମାନଙ୍କ ପାଇଁ କ୍ଷତିକାରକ ଅଟେ । | |



| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |





- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ )https://play.google.com/store/apps/details?id=com.imd.masuam(.।